ପ୍ରେସ୍ ନୋଟ୍

# ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୩

ଅନୁଗୋଳ ତା. ୨୮.୧୧ : ଅନୁଗୋଳ ପି ଟି ସି ପଡିଆ ପରିସରରେ କୃଷି ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଶୁଭାରମ୍ଭ ହୋଇଯାଇଛି । ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ଏବଂ ଚାରା ଗଛରେ ଜଳ ପ୍ରଦାନ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହାପରେ ପରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା ସ୍କ୍ରିନ୍ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା । ପାଞ୍ଚ ଦିନ ବ୍ୟାପି ଚାଲିବାକୁ ଥିବା ଏହି ମେଳାର ପ୍ରଥମ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଅନୁଗୋଳ ଶ୍ରୀ ରଜନୀକାନ୍ତ ସିଂହ ଯୋଗ ଦେଇ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ଫସଲ ଅମଳ ବୃଦ୍ଧି କରିବା ପାଇଁ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ପୌରପାଳିକାର ଅଧ୍ୟକ୍ଷ ଶ୍ରୀ ଅକ୍ଷୟ କୁମାର ସାମନ୍ତ,ମାନ୍ୟବର ସାଂସଦ ସମ୍ବଲପୁରଙ୍କ ପ୍ରତିନିଧି ଶ୍ରୀ ପ୍ରଦୀପ କୁମାର ପ୍ରଧାନ,ଅଧିକ୍ଷଣ ଯନ୍ତ୍ରୀ(କୃଷି) ଉତ୍ତରାଞ୍ଚଳ ସମ୍ବଲପୁର ଶ୍ରୀ ପୃଥ୍ୱିରାଜ ମହାନ୍ତି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଜ୍ୟୋତିଦୀପ୍ତ ପଟ୍ଟନାୟକ,ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ.ନିରୋଦ ଦାସ,ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ରାଜେନ୍ଦ୍ର କୁମାର ପାତ୍ର,ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର ଡଃ.ଦେବାଶିଷ ମିଶ୍ର,ସହକାରୀ ନିର୍ବାହୀ ଯନ୍ତ୍ରୀ(କୃଷି) ଶ୍ରୀ ପ୍ରମୋଦ କୁମାର ଦାସ ପ୍ରମୁଖ ଯୋଗ ଦେଇ କୃଷି ଯାନ୍ତ୍ରିକି କରଣ ଉପରେ ଗୁରୁତ୍ୱ ଦେଇଥିଲେ । ମଞ୍ଚାସିନ ଅତିଥିଗଣ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଗଣ ଏବଂ ଜିଲ୍ଲାର କୃଷକ ଭାଇ ଭଉଣୀମାନଙ୍କୁ ଏହି ମେଳାର ଭରପୁର ଫାଇଦା ନେବା ପାଇଁ ଅନୁରୋଧ କରିଥିଲେ । ଉକ୍ତ ମେଳାରେ ସର୍ବମୋଟ ୭୨ଟି ଷ୍ଟଲରେ କୃଷି ଓ ଆନୁସଙ୍ଗିକ ବିଭାଗର ବିଭିନ୍ନ ଯୋଜନା ସହ ଯନ୍ତ୍ରପାତି ବିକ୍ରେତାମାନଙ୍କ ଦ୍ୱାରା ଆଧୁନିକ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା ।ଡ୍ରୋନ ମାଧ୍ୟମରେ କିପରି ସାର ଓ କୀଟନିଶକ ପ୍ରୟୋଗ କରାଯାଇପାରିବ ତାହା ଏହି ମେଳାର ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟି ଥିଲା । ଅନୁଗୋଳ ବ୍ଲକ୍ କୃଷି ଅଧିକାରୀ ଶ୍ରୀମତୀ ଭଗିନୀ ନବନୀତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରିଶେଷରେ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ.ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- 726 ତା.୨୮.୧୧.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

[signature]
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଅନୁଗୋଳ ।


OPPO Reno7 5G
DIPRO ANGL | Northern Division, Odisha | 2023.11.28 15:42


ଜିଲ୍ଲା ସ୍ତରୀୟ
କୃଷି ଯନ୍ତ୍ରପାତି ମେଳା
OPPO Reno7 5G
DIPRO ANGL | Northern Division, Odisha | 2023.11.28 16:27


ଜିଲ୍ଲା ସ୍ତରୀୟ
କୃଷି ଯନ୍ତ୍ରପାତି ମେଳା
OPPO Reno7 5G
DIPRO ANGL | Northern Division, Odisha | 2023.11.28 16:16